OPPO Reno7 5G
DIPPRO ANGL | 2023.09.11 17:16

ପ୍ରେସ୍‌ନୋଟ୍

## ଜିଲ୍ଲା ସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ।

ଅନୁଗୋଳ ତା. ୧୧.୦୯ : ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ସୁଧାଂଶୁ ଶେଖର ମିଶ୍ର ଯୋଗ ଦେଇଥିଲେ । ଦାଖଲ ହୋଇଥିବା ସମୁଦାୟ ୮୩ ଟି ଅଭିଯୋଗରୁ ୬୭ଟି ବ୍ୟକ୍ତିଗତ ଓ ୧୬ ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହାଛଡା ଦାଖଲ ହୋଇଥିବା ୮୩ ଅଭିଯୋଗ ମଧ୍ୟରୁ [illegible]୪ଟି ଅଭିଯୋଗର ଆଜିର ଶିବିରରେ ଫଇସଲା କରାଯାଇଥିଲା । ତନ୍ମଧ୍ୟରୁ ରେଡକ୍ରସ ପାଣ୍ଠିରୁ ୫ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଏବଂ ଜଣକୁ ୬ ହଜାର ଟଙ୍କାର ଚିକିତ୍ସା ସହାୟତା ପ୍ରଦାନ କରାଯାଇଥିଲା । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟରାସ୍ତା, ସ୍ୱାସ୍ଥ୍ୟ, ଭିନ୍ନକ୍ଷମ ସହାୟତା, ଜମି ଜମା ସମ୍ୱନ୍ଧୀୟ, ପାରିବାରିକ କଳହ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ । ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପଦ୍ମନାଭ ସାମନ୍ତରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବରେନ୍ୟେନ୍ଦୁ ମହାନ୍ତି, ଡେପୁଟୀ କଲେକ୍ଟର ମଧୁସ୍ମିତା ବିଶି, ଡେପୁଟୀ କଲେକ୍ଟର ମିନର୍ଭା ନାୟକ ଓ ଶ୍ରୀ ସତ୍ୟାନନ୍ଦ ଦାସଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

## ମିଶନ ଇନ୍ଦ୍ରଧନୁଷ୍ ୫.୦ର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ।

ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ମିଶନ ଇନ୍ଦ୍ରଧନୁଷ୍ ୫.୦ (ଟୀକାକରଣ)ର ଉଦଘାଟନୀ ସମାରୋହ ହୁଲୁରସିଂହା ନେତାଜୀ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ ଡା. ତ୍ରିଲୋଚନ ପ୍ରଧାନ ଓ କାଉନସିଲର୍ ଶ୍ରୀ କୈଳାଶ ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଡା. ପ୍ରଧାନ ଉକ୍ତ ଉଦଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଚଳିତ ୧୧ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାରେ ୬୮୨ଟି ଟୀକାକରଣ ଅଧିବେଶନ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଦିଲ୍ଲିପ କୁମାର ପଟ୍ଟନାୟକ,ଡା.ଦେବାଶିଷ ପ୍ରଧାନ,ଜିଲ୍ଲା ବିତ୍ତୀୟ ପରିଚାଳକ ଶ୍ରୀ ସପନ କୁମାର ପାତ୍ର,ଅତିରିକ୍ତ ଜିଲ୍ଲା ଜନ ସଂଚାର ଅଧିକାରୀ ଶ୍ରୀ ଭରତ କୁମାର ସାହୁ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ଶ୍ରୀ ସୂର୍ଯ୍ୟପ୍ରତାପ ମହାମାନସିଂହ, ସ୍ୱାସ୍ଥ୍ୟକର୍ମୀ,ସ୍ୱାସ୍ଥ୍ୟ ପରିଦର୍ଶିକ, ଆଶା କର୍ମୀ,ଅଙ୍ଗନୱାଡି କର୍ମୀ ଓ ଡାଟା ପରିଚାଳକ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୫୨୧ ତା.୧୧.୦୯.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

11/09/23

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ


District Administration
ANGUL
OPPO Reno7 5G
DIPRO ANGL | 2023.09.11 11:55


District Administration
ANGUL
OPPO Reno7 5G
DIPRO ANGL | 2023.09.11 11:41



